ପାଦଗଣ୍ଠି ଯାଏ ପାଣିରେ ଝୁଣ୍ଟି ଝୁଣ୍ଟି ମୁଁ ଗୋଟିଏ ଗ୍ରୁପ୍ଷ୍ଟୋନ୍‌ର ବାଲି ଢିପରେ ପହଞ୍ଚିଥିଲି । ନାନା ବୈଜ୍ଞାନିକ ଉଦ୍ଦେଶ୍ୟରେ ମୁଁ ସେ ଅଞ୍ଚଳରେ ବହୁବାର ପଦଯାତ୍ରା କରିଛି । ମୁଁ ଜାଣେ, ସେଠି ଶ୍ଳେଟବଡ଼ ପଥର ଭିତରୁ ଉଛୁଳୁଥିବା ପାଣି ଧାରରେ କି ଧରଣର ହାଡ଼ ମିଳେ ଓ ପାଣିରେ ହୁଗୁଳିଥିବା ବାଲିଭିତରୁ କିପରି ଦାମିକା ଚକ୍‌ଚକିଆ ପଥରର ତ୍ରିକୋଣ ଖଣ୍ଡ ମିଳେ । କିନ୍ତୁ ସେଦିନ ବହୁ ମାଇଲ ଚାଲି କ୍ଳାନ୍ତି ହୋଇଥିବାରୁ, ଆକାଶ, ଉଡ଼ନ୍ତେ ଚଢ଼େଇ ଏବଂ ଜଳପ୍ରପାତର ଆଡ଼କୁ ଗତି କଲାବେଳେ କୁଳୁକୁଳୁ ଶବ୍ଦ କରୁଥିବା ଅଗଭୀର ନଦୀର ଦୃଶ୍ୟ ଦେଖି ମୋ ମନରେ ଏକ ନୂଆ ଇଚ୍ଛା ଜାଗିଲା । ମୁଁ ଏକ ବିରାଟ ଅଭିଯାନରେ ବାହାରିବାକୁ ସ୍ଥିର କଲି—ସେହି ନଦୀ ପାଣିରେ ଭାସି ଯିବି ।

ମନେହୁଏ, ଏ ବାସନା ମୋ ମନରେ କ୍ରମେ କ୍ରମେ ଜାଗିଥିଲା । ତା ଆଗରୁ ମୁଁ ଲୁଗାପଟା ଗୁଡ଼ିକ ଅସ୍ଵସ୍ତିରେ ଶରୀରରେ ଲଟପଟ ହେଉଥିଲି, ସହସା ଏଇ ଅଦମ୍ୟ ଇଚ୍ଛା ମୋ ମନରେ ଚାପି ବସିଲା ଯେ, ଲମ୍ବ ହୋଇ ଭାସି ଭାସି ନଦୀ ସୁଅରେ ଦୂରକୁ ଚାଲି ଯିବି । ଆଣ୍ଠୁ ଏ ପାଣି ଭିତରେ ଠିଆହୋଇ କିଛି ସମୟ ଧରି ମୁଁ ମନସ୍ଥିର କରି ପାରିଲି ନାହିଁ—ଭାସି ଯିବି ନା ଫେରି କରି ରହି ଯିବି ? ଆଜିର ସାହସୀ ଆଧୁନିକମାନଙ୍କ ପାଖରେ ଏପରି ଦ୍ୱନ୍ଦ୍ୱାକୁଳ ମନ ପରିହାସର ପାତ୍ର ପରି ମନେ ହେବ । କିନ୍ତୁ ମୋ ପକ୍ଷରେ ଏହା ପ୍ରକୃତରେ ସେପରି ନଥିଲା; ମୁଁ ପିଲାବେଳେ ଥରେ ପ୍ରାୟ ବୁଡ଼ି ଯାଉଥିଲି, ସେ ଦୁର୍ଘଟଣାର ପ୍ରତିକ୍ରିୟା ସର୍ବଦା ମୋ ମନରେ ସକ୍ରିୟ । ତାହା ଛଡ଼ା, ମୁଁ ପହଁରି ଜାଣେ ନା ଏବଂ ଏଇ 'ଇଞ୍ଚେ ଗଭୀର' ନଦୀଟି ଥିଲା ଚୋରାବାଲି ଓ ଗାତରେ ପୂର୍ଣ୍ଣ । ଏ ନଦୀର ଛଳନାଭରା ବହୁ ଶାଖା ସ୍ରୋତରେ ବୁଡ଼ି ମରିବାର ଅନେକ ଖବର ସମ୍ବାଦ ମଧ୍ୟ ମୋତେ ଜଣାଥିଲା । ଖୁବ୍ ଓସାରିଆ ଏପରି ଭୂଭାଗରେ କେଉଁଠାରେ ପାଣି ଅଛି ତ କେଉଁଠାରେ ଝଣ୍ଟିଆ ଖାଦ୍ୟର ଭୂଇଁ ଓ ଘାସ ବୁଦାମାନ; ସାଧାରଣତଃ ଏସବୁ ନିର୍ଜନ ଜାଗାକୁ କେହି ଆସନ୍ତି ନାହିଁ । ତେଣୁ ବିପଦରେ ପଡ଼ି ଏଠାରେ ପାଟି କଲେ ମଧ୍ୟ ସାହାଯ୍ୟର ଆଶା କରିବା ବୃଥା ।

ପାଣି ଭିତରେ ଶାନ୍ତଭାବରେ ଠିଆହୋଇ ମୁଁ ଏସବୁ କଥା ଭାବୁଥାଏ; ମୋ ଗୋଡ଼ତଳୁ ବାଲି ମଧ୍ୟ ପାଣି ସୁଅରେ ଖସୁଥାଏ । ତା'ପରେ ଆକାଶ

ଆଡ଼କୁ ମୁହଁ କରି ଚିତ୍ ହୋଇ ପାଣିପୃଷ୍ଠରେ ମୁଁ ଦେହ ଢ଼ାଳି ଦେଲି ଓ ଭାସିବାକୁ ଆରମ୍ଭ କଲି । ନଦୀର ପ୍ରଧାନ ସ୍ରୋତରେ ଭାସି ଛୁଟିଲାବେଳେ ମୁଁ ଥରକ ପାଇଁ ଅନୁଭବ କଲି ସତେ ଯେପରି ଏକ ମହାଦେଶର ଗଭୀର ଶିରା ଉପଶିରାରେ ମୁଁ ଭାସିଯାଉଛି ! ସେତେବେଳେ ମୁଁ ନିଜର ଆଙ୍ଗୁଳି ମୂନରେ ଉପଲବ୍ଧି କଲି 'ଆଲପ୍ସ' ପାହାଡ଼ର ବରଫସ୍ତରର ଶୀତଳତା, ତେଣୁ ଦକ୍ଷିଣ ଦିଗର ଉପସାଗରର ଉଷ୍ମତା ମୋତେ ଆକର୍ଷଣ କଲା । ଅତୀତର କେତେ ଯୁଗ ଧରି ମହାଦେଶର ଅସ୍ଥି ମରମାଂସ, ଚୂର୍ଣ୍ଣ ଗୁଣ୍ଡ ହେଉଥିବା ପାହାଡ଼ ପର୍ବତର ଧୂଳି ବୋହୁଥିବା ନଦୀ ପରି ସମୁଦ୍ର ଅଡ଼କୁ ବହି ଯାଉଥିବ; ଏଇ କଥା ଭାବୁ ଭାବୁ ମୋର ମନେ ହେଲା ଯେ, ମହାଦେଶର ଅତିକାୟ ଦେହ ମଧ୍ୟ ମୋ ସାଙ୍ଗରେ ଭାସି ଯାଉଛି; ଧୂଳିରେ ଭରା ତା'ର ଆସ୍ୱାଦ ପାଣି ମୋ ଓଠରେ ଲାଗୁଥାଏ, ତା'ର ବାଲିଭରା ଲହଡ଼ି ଗୁଡ଼ିକ ମୁଁ ପିଠିତଳେ ଅନୁଭବ କରୁଥାଏ । ଅତିକାୟ ସରୀସୃପମାନେ ଦିନେ ଯେଉଁଠାରେ କେଳି କରୁଥିଲେ, ଉପରକୁ ଠେଲି ଉଠୁଥିବା ସେଇ ପ୍ରାଚୀନ ସମୁଦ୍ର ଗର୍ଭ ଉପରେ ମୁଁ ନଦୀ ସ୍ରୋତରେ ଭାସି ଯାଉଥାଏ । ସମୟର ସୀମା ଓ ମେଘସ୍ପର୍ଶୀ ପର୍ବତମାନଙ୍କୁ ମୁଁ ପଛରେ ବସୁନ୍ଧରାର ଗର୍ଭରେ ପକାଇ ଆସେଇ ଯାଉଥିଲି ପରି ବୋଧ ହେଉଥାଏ । ଭାସୁ ଭାସୁ ଦୁଇ ପାଖରେ ପାଣି ଛୁଇଁଲାବେଳେ ମୋର ମନରେ ଖେଳୁଥାଏ ସେଇ ସୂକ୍ଷ୍ମ ଉପଲବ୍ଧି ଯାହା ଚିଙ୍ଗୁଡ଼ିମାନେ ଅନୁଭବ କରେ ଉପରେ ଟେକିଥିବା ତାର ଶୁଣ୍ଢରୁ; ମୋର ମନେ ହେଉଥାଏ ଯେ, ମୋ ଚାରିଆଡ଼େ ବଡ଼ ବଡ଼ ମାଛ ସବୁ ନିଜ ନିଜ କାମରେ ଚଳପ୍ରଚଳ କରୁଛନ୍ତି ।

ପାଣିରୁ ମିଳିଥିବା ଗୋଟିଏ କାଠ ପଟା ଧରି ମୁଁ ସ୍ରୋତର ଅନୁକୂଳରେ ଗତି କଲି ଓ ଅଗଣିତ ଗାଁମାନ ପାର ହେଲି; ହୁଏତ ଯେ ସବୁ ଜାଗାରେ ପ୍ରାଗୈତିହାସିକ ଯୁଗର ଅତିକାୟ ଜନ୍ତୁଙ୍କର ହାଡ଼ ପୋତା ହୋଇଥିବ; 'ପ୍ରେଆରି' ତୃଣ ଭୂମିରେ ବ୍ୟବହୃତ ହେଉଥିବା ଜଳଯାନର ଭଙ୍ଗା ଚକର ଅଂଶ ମଧ୍ୟ ସେଠି ପାଣିତଳେ ମିଳି ପାରେ । କେତେବେଳେ ମୁଁ ଗରମ ଖରାତଳେ ତାତିଥିବା ଫେନିଲ ପାଣି ଭିତରେ ବୁଡ଼ି ଯାଉଥିଲି; ପୁଣି କେତେକବେଳେ ଗ୍ରୀଷ୍ମଭରା ଲୁଦାହିଁତର ଦେଇ ଲୁପ୍‌ଲୁପ୍ ଖସୁଥିଲି । ମନେ

ପାଣି' କପର ଯୁଗଯୁଗାନ୍ତର ଧରି ନିଜ ଦେହର ପରିବର୍ତ୍ତନ ଘଟାଇଛି ; ଏଇ ରୂପାନ୍ତର ଅନନ୍ତକାଳ ବ୍ୟାପି ପୃଥିବୀ ବକ୍ଷର ଅଜ୍ଞାତ ଉତ୍ଥାନ ପତନର ଅନୁଗାମୀ । ପ୍ରଥମରେ ଅନୁଚ୍ଚ ମହାଦେଶମାନଙ୍କର ଜଳ ଭୂମିରେ ଉଭୟଚର ପ୍ରାଣୀମାନେ ଜନ୍ମି କେତେ ଯୁଗ ପ୍ରଭୁତ୍ୱ କରିଥିଲେ । ତା'ପରେ ବହୁକାଳ ଧରି ପୃଥିବୀ ପୃଷ୍ଠ ଆକାଶ ଆଡ଼କୁ ଉଠିବାକୁ ଆରମ୍ଭ କଲା; ସେ ସମୟରେ ସାଗରଭୂଇଁ ସବୁ ଉଚ୍ଚକୁ ଉଠିବାରୁ ଥଣ୍ଡା ହେବାକୁ ଲାଗିଲେ ଓ ସେ ଯୁଗରେ ସ୍ତନ୍ୟପାୟୀ ପ୍ରାଣୀଙ୍କର ଆବିର୍ଭାବ ଘଟିଲା ।

ବହୁବର୍ଷ ପୂର୍ବରେ ଯେଉଁ 'ପ୍ଲ୍ୟାଟ୍' ନଦୀର ମୁହଁରେ ମୁଁ ବୁଲି ବୁଲି ଯାଇଥିଲି, ତାହାର ଗୋଟିଏ ଉପନଦୀର କଡ଼େ କଡ଼େ ମୁଁ ଅଳ୍ପ କେତେକାଳ ତଳେ ଏକାଧିକ ମାଇଲ ବୁଲିଥିଲି; ଶୀତଋତୁ ଥିବାରୁ ଏଥର ମୋଟା ମୋଟା ଗରମ ପୋଷାକ ପିନ୍ଧିଥିଲି ଥଣ୍ଡାରୁ ଆତ୍ମରକ୍ଷା କରିବା ପାଇଁ । ଏଥର ଦେଖିଲି ବିସ୍ତୃତ ଭୂଭାଗ ଅନାବୃତ ଓ ବରଫ ଭରା, ଶ୍ରେଷ୍ଠ ଶ୍ରେଷ୍ଠ ନଦୀମାନ ବରଫରେ ଜମି ଯାଇଛନ୍ତି; ଜଳାଭୂମି ସେ କଡ଼େ 'ଉଇଲୋ' ବୃକ୍ଷମାନ ସିଧାସଳଖ ଠିଆ ହୋଇ ବରଫ ଆସ୍ତରଣର ପଶ୍ଚାତ୍ପଟରେ ବ୍ୟୂହପରି ଦିଶୁଥାନ୍ତି; ତାହା ଭିତରେ ବୁଲିଗଲା ବେଳେ ଦୃଷ୍ଟିବିଭ୍ରମ ଘଟେ ଓ ମୁଣ୍ଡ ଘୂରେ । ନଈ ପଠାର ସେପଟେ ଅଟକିଥିବା ପାଣି ଜମି ଯାଇଥାଏ, ତାହା ସାମନାରେ ମୁଁ ଠିଆହୋଇ ଗଲି; ତୃଣଭୂମି 'ପ୍ରେଆରି'ର ଖୋଲା ପବନ ମୋର ଗୋଡ଼ ତଳେ ବରଫ ଉପରୁ ନରମ ତୁହିନକୁ ଝାଡ଼ି ଦେଇଥାଏ । ତାହା ଭିତରେ ଗୋଟିଏ ଅଦ୍ଭୁତ ସବୁଜ ପଦାର୍ଥ ମୋର ଦୃଷ୍ଟି ଆକର୍ଷଣ କଲା, ଆଖି ରଗଡ଼ି ମୁଁ ଆଉଥରେ ନଜର କଲି—ନା, ବସ୍ତୁଟି ସମ୍ବନ୍ଧରେ ସନ୍ଦେହର ଅବକାଶ ନାହିଁ ।

ପବନରେ ବିକ୍ଷିପ୍ତ ବରଫ ଭିତରେ ଏହା ଦୃଢ଼ଭାବରେ ଜମି ଯାଇଥାଏ, କିନ୍ତୁ ଏହାର ବୃହଦାକାର ମୁଖମଣ୍ଡଳ ମୋର ପରିଚିତ; ଥଳ ଥଳ ମାଂସପରି ଅସହାୟ ଭାବରେ ଝୁରିଆଡ଼େ ବସି ଏହା ମୋ ଆଡ଼କୁ ଏକାଗ୍ରଦୃଷ୍ଟିରେ ଚାହିଁ ଥାଏ । ଆମେରିକାର ଶ୍ରେଷ୍ଠ ନାଳ ମାନଙ୍କରେ ମିଳୁଥିବା ଏକ ଶ୍ରେଣୀର ମାଛରୁ ଏହା ଗୋଟିଏ; ଏଇ ନାଳସବୁ ସର୍ପିଳ ଗତିରେ ଚଳ କରନ୍ତି ଓ ଏହାଙ୍କ ହଳଦିଆ ପଙ୍କ ମାଟିରେ ଏଇ ମାଛ ଥାଆନ୍ତି । ମୁଁ ଯେଉଁଦିନ ନଦୀରେ ବୁଲି

ଯନ୍ତ୍ରମାନଙ୍କର ଅବିଶ୍ୱାସ୍ୟ ଗତି ଓ ମୁକ୍ତ ଆକାଶରେ ତାରକାସ୍ଥ ଅଣୁ ବିକୀରଣର ସମ୍ମୁଖୀନ । ତେଣୁ ତାର ସ୍ନାୟୁ ଅପେକ୍ଷା ଶୀଘ୍ର କ୍ରିୟାକ୍ଷମ ନୂଆ ଆଣବିକ ସ୍ନାୟୁତନ୍ତ୍ର ଆବିଷ୍କାର କରିବାକୁ ସେ ବାଧ ହୋଇଛି । ଧାତବ ରକ୍ଷାକବଚ ବ୍ୟବହାର କରି ଆଣବିକ ବିକୀରଣ ବିରୁଦ୍ଧରେ ତା'ର ନଗ୍ନ ଦେହକୁ ବର୍ମାବୃତ କରିବାକୁ ସେ ବାଧ ! ମଣିଷ-ସୃଷ୍ଟ ସ୍ୱୟଂକ୍ରିୟ ଯନ୍ତ୍ରର ଜଗତରେ ମଣିଷର ଦେହ ଆଜି ପୁରୁଣାକାଳିଆ ହୋଇ ପଡ଼ିଲାଣି । ଏକମାତ୍ର ଯେଉଁ ଜିନିଷ ତାହାକୁ ବଞ୍ଚାଇ ରଖିଛି ତାହା ହେଉଛି ଗ୍ରେଟ ପେଣ୍ଡ୍ ପରି ଖୋଲରେ ଥିବା ତାର ମସ୍ତିଷ୍କ; ଏହାରି ଜରିଆରେ ବିକଶିତ ହେଉଛି ତାର ଜଗତ ସମ୍ବନ୍ଧରେ ସଦା ପରିବର୍ତ୍ତନଶୀଳ ଧାରଣାଗୁଡ଼ିକ ।

ଅଥଚ ଶହେ ବର୍ଷ ପୂର୍ବରେ ଓ୍ୱାଲେସ୍ ମଣିଷଠାରେ ଥିବା ଏଇ କାଳଜୟୀ ଉପାଦାନ ସମ୍ବନ୍ଧରେ ଅନ୍ଦାଜ କରିଥିଲେ ଓ ସେ ଅଦ୍ଭୁତ ଗୋଟିଏ ଭବିଷ୍ୟତବାଣୀ କରିଥିଲେ । ସେ ଯୁକ୍ତି ବାଢ଼ିଥିଲେ ଯେ ଅତୀତ ଭିତରେ ଇତିହାସକୁ ଖୋଜି ଖୋଜି ଆମେ ଏପରି ଏକ କାଳଚକ୍ରରେ ଯାଇଁ ପହଞ୍ଚିବୁ ଯେଉଁଠାରେ ମଣିଷର ଦେହରେ ପରିବର୍ତ୍ତନ ଆରମ୍ଭ ହୋଇ ଯାଇଥିବ ଓ ତାହା ପୂର୍ବବର୍ତ୍ତୀ ଦେହରୁ ଏତେ ବେଶୀ ବିଭିନ୍ନ ହେବାକୁ ଧରୁଥିବ ଯେ, ତାହା କଳ୍ପନା କରିବା କଠିନ । ତାଙ୍କ ମତରେ ସେଇ ସମୟରେ ଆମେ ଜାଣିପାରିବୁ ଯେ, ମାନବ ପରିବାର ସୃଷ୍ଟିର ପ୍ରାରମ୍ଭ କାଳରେ ଆମେ ପହଞ୍ଚିଛୁଁ । ମଣିଷ ମନର ଜନ୍ମ ଲଗ୍ନର ପ୍ରତ୍ୟୁଷରେ ପରିବର୍ତ୍ତନ ପ୍ରଭାବରୁ ନିଜ ଦେହକୁ ରକ୍ଷା କରିବାରେ ସେ ଅସମର୍ଥ ଥିଲା । ମନୁଷ୍ୟେତର ଜୀବଜଗତ ଉପରେ ଯେଉଁସବୁ ଶକ୍ତି କ୍ରିୟା କରୁଥିଲା ସେ ସବୁର ଚିହ୍ନ ମଣିଷର ଧ୍ୱଂସାବଶେଷରେ ନିଶ୍ଚୟ ମିଳିବା କଥା । ଆକୃତିରେ ମଧ୍ୟ ସେ ଭିନ୍ନ ଧରଣର ହେବା କଥା ଅର୍ଥାତ୍ ଦକ୍ଷିଣ ଆଫ୍ରିକାର ଯେଉଁ ନର-ବାନର ଆମର ପରିଚିତ, ତାଙ୍କରି ପରି ତାର ଦେହ ପରିବର୍ତ୍ତନଶୀଳ ହେବା କଥା ।

'ପିଲ୍‌ଟଡାଉନ'ର ପ୍ରହେଳିକା ପରେ ମଣିଷର ଉଦ୍‌ବର୍ତ୍ତନ-ସନ୍ଧାନ୍ତ କାଳର ପ୍ରଶ୍ନ ସମାଧାନ ଆଜି ଡାରୱିନଙ୍କ ସ୍ୱପକ୍ଷରେ ନୁହେଁ, ଓ୍ୱାଲେସ୍‌ଙ୍କ ସ୍ୱପକ୍ଷରେ କରିବାକୁ ପଡ଼ିବ । ଏଥିରେ ଅବଶ୍ୟ ଓ୍ୱାଲେସ୍‌ଙ୍କର

ସହରମାନଙ୍କର ହେମନ୍ତଋତୁ ବାସିନ୍ଦା ସେଇ ସବୁ ଅସହାୟ ପିଲକିଆ ଲୋକଙ୍କୁ ଓ୍ୱେଲସ୍ ନିଖୁଣ ଭାବରେ ଚିତ୍ରିତ କରିଛନ୍ତି ।

କିନ୍ତୁ ସମୟ ଯନ୍ତ୍ରର ସାହାଯ୍ୟରେ ଭାବୀଯୁଗ ଭିତରଦେଇ ଏଇ ଝପୁର ଆମ ପାଖକୁ ଫେରି ଆସି ନାହିଁ । ବରଂ ଏହା ବହୁ ଶତାବ୍ଦୀର ଅତୀତ ଯୁଗର କାହାଣୀ । ଏଥିରେ ଆଧୁନିକ ମଣିଷର ଯେଉଁ ବ୍ୟଙ୍ଗଚିତ୍ର ଅଛି ତାହାର କାରଣ ଏହାର ଆଦିମତା ନୁହେଁ, ବରଂ ଏହାର ବିସ୍ମୟକର ଆଧୁନିକତା । ନିଜର ଯୁଗସୀମା ଡେଇଁ ଏହା ଆଶ୍ଚର୍ଯ୍ୟ ଭାବରେ ଆଧୁନିକ । ଏଥିରେ ନିହିତ ଅଛି ଏକ ରହସ୍ୟମୟ ଭବିଷ୍ୟଦ୍‌ବାଣୀ ଓ ସାବଧାନ ହେବାର ସଙ୍କେତ । କାରଣ, ମଣିଷ ସମ୍ବନ୍ଧରେ ଗବେଷକ ଗ୍ରନ୍ଥମାନେ ଯେତେବେଳେ ଭାବୀ ମଣିଷ ବିଷୟରେ ତାଙ୍କର ଧାରଣା ପ୍ରକାଶିତ କରୁଛନ୍ତି ସେତେବେଳେ ଏଇ ଝପୁର ଜରିଆରେ ଜଣାପଡ଼େ ଯେ, ଭବିଷ୍ୟତର ସେଇ ପ୍ରାଣୀ କାଲି ଯେ ଆସି ସାରିଲେଣି ତାହା ନୁହେଁ ପୃଥିବୀରେ ବାସକରି ମରି ସାରିଲେଣି ମଧ୍ୟ ।

ଆଧୁନିକ ମଣିଷର ନିଜ ସମ୍ବନ୍ଧରେ କୌତୂହଳର ଶେଷ ନାହିଁ । ଆମେ ବାରମ୍ବାର ଆଶ୍ୱସ୍ତ ହେବାକୁ ମଧ୍ୟ ଇଚ୍ଛୁକ । ଆମର ଉଚ୍ଛ୍ୱସିତ ଆତ୍ମବିଶ୍ୱାସ ତଳେ ରହିଛି ଭୟ । ଯେଉଁ ଭବିଷ୍ୟତକୁ ଆମେ ନିଜେ ସୃଷ୍ଟି କରୁଛୁ ତାହାର ସମ୍ବନ୍ଧରେ ଆମର ଡର ବଢ଼ୁଛି । ଏହିପରି ମିଜାଜ୍ ଘେନି ଆମେ ଆମର ପ୍ରିୟ ସାମୟିକ ପତ୍ରର ପୃଷ୍ଠା ଓଲଟାଉ ଏବଂ ପ୍ରାୟତଃ ସେଥିରେ ଭାବୀ ମଣିଷର ବର୍ଣ୍ଣନା ଦେଖିବାକୁ ପାଉ ।

ସେସବୁ ବର୍ଣ୍ଣନା କେବେ ହେଲେ ନୈରାଶ୍ୟକର ନୁହେଁ । ଉଚ୍ଚ କୋଟିର ଆସ୍ଥା ସହ ସେସବୁ ବର୍ଣ୍ଣନା ଏକମାତ୍ର ଆମରି ପରି ମଣିଷ ଜାତିକୁ ଘେରି ଗଢ଼ି ଉଠିଛି ଓ ତାହା ସୂକ୍ଷ୍ମ ଭାବରେ ଆମର ପ୍ରଶଂସାରେ ପୂର୍ଣ୍ଣ । ମୋର ଜଣେ ବିଶିଷ୍ଟ ସହକର୍ମୀ ମଣିଷ ସମ୍ବନ୍ଧରେ ଏପରି ଭବିଷ୍ୟଦ୍‌ବାଣୀ କରିବାରେ ଧୁରନ୍ଧର; ନିଜର ଚଉଡ଼ା ଚନ୍ଦା କପାଳର ଏକପ୍ରକାର ଅପାର୍ଥିବ ବ୍ୟାଖ୍ୟା ଦେଇ ସେ ଥରେ କହିଥିଲେ ଯେ ଭାବୀ ମଣିଷର ଚେହେରା କିପରି ଦିଶିବ ଏହା ତାହାର ଏକ ଦୃଷ୍ଟାନ୍ତ । ଚନ୍ଦା ମୁଣ୍ଡ ପାଇଁ ତାଙ୍କର ମୁଣ୍ଡ ବ୍ୟଥା ନାହିଁ—ଭବିଷ୍ୟତର ମଣିଷ ତ ଏକପ୍ରକାର ଚନ୍ଦା ହେବ !

ଉଚ୍ଚ ଶ୍ରେଣୀର ଜୀବ । ସେ ଆମର ମନୋଯୋଗ ଏହି ତଥ୍ୟ ପ୍ରତି ଆକର୍ଷଣ କରିଛନ୍ତି ଯେ, 'ଅପରିମିତ ଯୁଗସ୍ରୋତ ମଧ୍ୟରେ ମାତ୍ର କେତୋଟି ବର୍ଷ ଭିତରେ ସୃଷ୍ଟିର ବୁଦ୍ଧିମସ୍ତ ରୂପ ସନ୍ନିବିଷ୍ଟ । ତେବେ କାହିଁକି ନ କହିବା ଯେ, ଏହି ବୁଦ୍ଧିର ସୃଷ୍ଟି ମାତ୍ର କେତୋଟି ମାଇଲର ପରିଧିରେ ସମାପ୍ତ ?' ଅତି ପ୍ରାକୃତ କୌଣସି ଶକ୍ତିର ହସ୍ତକ୍ଷେପ ଯୋଗୁଁ ପୃଥିବୀରେ ମଣିଷର ଆମଦାନୀ ଘଟିଛି, ତେଣୁ ଏଇ ଗ୍ରହ ଅଦ୍ୱିତୀୟ ।

ହ୍ୱୋଏଓ୍ୱେଲ୍‌ଙ୍କ ପ୍ରବନ୍ଧ ଏକ ବିତର୍କର ଝଡ଼ ସୃଷ୍ଟି କରିଥିଲା । ସେ ଆଲୋଚନାର ଜନପ୍ରିୟ ଦିଗକୁ ସେ ସମର୍ଥନ କରି ନ ଥିଲେ । ତାଙ୍କର ବିରୋଧ କରି ସାର୍ ଗ୍ୱର୍ଲସ୍ ବ୍ରିଉଷ୍ଟାର ସ୍ୱନାମଧନ୍ୟ ବହି ଲେଖିଥିଲେ 'ମୋର୍ ଓ୍ୱାର୍ଲଡ଼ସ୍ ଦ୍ୟାନ୍ ଓ୍ୱାନ୍ ।' ସେଥିରେ ସେ ସ୍ପଷ୍ଟ ଖଣ୍ଡନ ସହ ଦାବୀ କରିଥିଲେ ଯେ, 'ଗୋଟିଏ ଉପଗ୍ରହର କିସ୍ମା ଯାହା, ସବୁ ଉପଗ୍ରହର କିସ୍ମା ନିଶ୍ଚୟ ତାହା । ପୃଥିବୀକୁ ଆଲୋକ ଦେବାରେ ଆମର ଜହ୍ନର ଯେଉଁ କିସ୍ମା, ନିଶ୍ଚୟ ତାହା ସୌରମଣ୍ଡଳରେ ଥିବା ଅନ୍ୟ ବାଇଶିଟି ଚନ୍ଦ୍ରର ମଧ୍ୟ ସେହି କିସ୍ମା ଏବଂ ବାସିନ୍ଦାମାନଙ୍କୁ ଜୀବନଧାରଣରେ ସାହାଯ୍ୟ କରିବାରେ ପୃଥିବୀର କିସ୍ମା ନିଶ୍ଚୟ ଅନ୍ୟ ଗ୍ରହମାନଙ୍କର କିସ୍ମା ସହିତ ସମାନ ହୋଇଥିବ । 'ଅସୀମ ପ୍ରାଣ ସହିତ ଅମାପ ଜଡ଼ ପଦାର୍ଥର ମହାନ୍ ସଂଯୋଗ' ସେ ବର୍ଣ୍ଣନା କରିଛନ୍ତି ।

ବ୍ରିଉଷ୍ଟାର ଅଣୁବୀକ୍ଷଣ ଯନ୍ତ୍ର ଜରିଆରେ ପ୍ରକାଶିତ ଅଦୃଶ୍ୟ ଦୃଶ୍ୟ ପ୍ରତି ଆମର ମନୋଯୋଗ ଆକର୍ଷଣ କରି ସେଥିରୁ ଯୁକ୍ତି କରିଛନ୍ତି ଯେ, ଆମକୁ ଅଜଣା ଯେତେ ବିଭିନ୍ନ ଆକୃତିର ପ୍ରାଣୀଥିଲେ ତାଙ୍କର ସମସ୍ତଙ୍କ ପ୍ରତି ଈଶ୍ୱରଙ୍କ ମନୋଯୋଗ ସବୁଦା ବର୍ତ୍ତମାନ ଥିଲା । ଆକାରର ଆପେକ୍ଷିକତ୍ୱ ଏତେ କୁଟିଳ ହୋଇ ଯାଇଥିଲା ଯେ, ଜଣେ ଲେଖକଙ୍କ ବହିର ଉପ-ଶିରୋନାମା ଥିଲା— 'ସବଶେଷ ପରମାଣୁଗୁଡ଼ିକ କଅଣ ପ୍ରାଣିମସ୍ତ ଜଗତ ?' ଫିଜ୍‌ଜେମସ୍ ଓବ୍ରା-ଏନଙ୍କ 'ଦ ଡାଏମଣ୍ଡ୍ ଲେନସ' ଅଥବା ରସ୍ସ କାମ୍ମିଙ୍ଗସ୍‌ଙ୍କର 'ଦ ଗାର୍ଲ ଇନ୍ ଦ ଗୋଲ୍‌ଡେନ୍ ଆଟମ୍' ପରି ଗପ ଏହି ଭଳି ଚିନ୍ତାପ୍ରସୂତ ।

ଅନ୍ୟ ଏକ ଲେଖକ ଉଇଲିଅମ୍ ଉହ୍ୱେଲିଆମ୍ସଙ୍କ ବହିର ନାମ 'ବିଶ୍ୱ ମରୁଭୂମି ନୁହେଁ କିମ୍ବା ପୃଥିବୀ ଏକଗୁଡ଼ିଆ ନୁହେଁ ।' ସେ ଉପରେ ଉଲ୍ଲିଖିତ

ଚେହେରା ମଧ୍ୟ ଦେଖି ନେଲି, କାଳେ ସେଥିରେ କିଛିଥିବ ଯାହା ଦେଖି ସେ ଡରିଯାଇ ପଥର ଫିଙ୍ଗାଇଲା ପରି ପାଟି କରିଥିଲା !

ଅବଶେଷରେ, ଘରକୁ ଫେରିଲାବେଳେ ବାଟରେ ସମସ୍ୟାଟିର ସମାଧାନ ମୁଁ ପାଇଥିଲି । ଆଗରୁ ତାହା ମୋର ବୁଝିବା ଉଚିତ ଥିଲା, ଆମ ଉଭୟର ଜଗତର ସୀମା ତାଙ୍କ ସ୍ଥାନ ବଦଳାଇ ଥିଲେ—ଏହାହିଁ ଥିଲା ଏକମାତ୍ର କାରଣ । ମୋର ଭାଗ୍ୟବଶରେ ତାହା ସେଇ କାଉଟି ସାଧାରଣତଃ ଲୋକଙ୍କର ଏତେ ନିକଟରେ କେବେହେଲେ ଉଡ଼ୁ ନଥିଲା । ଅବଶ୍ୟ ସେ ବାଟବଣା ହୋଇଥିଲା ; କିନ୍ତୁ ତାହାଠାରୁ ଆହୁରି ବେଶି କିଛି ଘଟିଥିଲା । ସେ ସବୁଆଡ଼େ ଯେ ସେ ବସ୍ତୁ ଉପରେ ଉଡ଼ୁଛି ; ଠିକ୍ ସେତିକିବେଳେ କୁହୁଡ଼ି ଭିତରେ ବୈଚିତ୍ର୍ୟପରି ମୋତେ ଚାଲିବାର ଦେଖି ତା ମନରେ ହଠାତ୍ ଭୂତ ଦେଖିଲା ପରି ଦାରୁଣ ଡର ଖେଳି ଯାଇଥିଲା । ତାକୁ ବୋଧ ହେଉଥିଲା ଯେ, ମଣିଷଟାଏ ପବନରେ ଚାଲିଛି ଓ କାଉ ରାଜ୍ୟକୁ ଅପବିତ୍ର କରି ପଶିଛି । ପବନରେ ଚାଲୁଥିବା ମଣିଷର ଧାରଣା ତା' ମନରେ ନଥିବାରୁ ସେ ସେଇ ମଣିଷକୁ ସବୁଠାରୁ ବେଶି ଅଶୁଭର ଦୂତ ବୋଲି ମନେ କରିଥିଲା । ଗ୍ରୀନ ଗୁଳ୍ମକର ଶହେ ଫୁଟ ଉର୍ଦ୍ଧ୍ୱରେ ଆମ ଉଭୟର ସାକ୍ଷାତ୍ ହୋଇଥିଲା ବୋଲି ସେ ଧରି ନେଇଥିଲା ।

ଏବେ ସକାଳୁ ମୋତେ ଷ୍ଟେସନ୍ ଯିବାର ଦେଖି ସେ ରାବେ ; ମୋର ମନେହୁଏ ତା'ର ସେଇ ରାବ ଭିତରେ ଫୁଟିଉଠେ ଏକ ଅନିଶ୍ଚୟତା—ତା'ର ମନେହୁଏ ଯେ ଜିନିଷସବୁ ଯେପରି ଦିଶନ୍ତି ହୁଏତ ଅସଲରେ ସେପରି ନୁହନ୍ତି । ପବନର ଉଚ୍ଚ ସ୍ତରରେ ସେ ଏକ ଅଲୌକିକ ଜିନିଷ ଦେଖିଥିଲା । ତେଣୁ ସେ ଆଉ ଅନ୍ୟ କାଉପରି ନଥିଲା । ଏକ ଅସମ୍ଭାବ୍ୟ ପରିପ୍ରେକ୍ଷୀରୁ ସେ ମଣିଷର ଜଗତକୁ ଦେଖିଛି । ତା'ର ଓ ମୋର ଦୃଷ୍ଟିଭଙ୍ଗୀ ଏକ ହିସାବରେ ସମାନ—ଆମ ଦୁହିଁଙ୍କର ଅଭିଜ୍ଞତାର ଜଗତ ପରସ୍ପର ଭିତରେ ପଶି ଯାଇଥାଏ ଓ ଉଭୟେ ଅଲୌକିକ ତତ୍ତ୍ୱରେ ବିଶ୍ୱାସୀ ।

ମୋ ନିଜ କ୍ଷେତ୍ରରେ ଏଇ ବିଶ୍ୱାସ ଅଦ୍ଭୁତ ଦୁଇଟି ଉଲ୍ଲେଖଯୋଗ୍ୟ ଦୃଶ୍ୟ ହେତୁ ବଢ଼ିଛି । ମୁଁ ଆଗରୁ କହିଛି ଯେ, ଥରେ ଗୋଟାଏ ବିସ୍ତୀର୍ଣ୍ଣ

ଅଧିକ ବଳିଷ୍ଠ ପ୍ରକାଶ ମୁଁ ଆଉ କେବେ ଦେଖିବି ନାହିଁ । ଏହାଠାରୁ ଅଧିକ ଶୋକାର୍ତ୍ତ ସ୍ୱରରେ ଆଉକେବେ ମୁଁ ସେ ଗପ୍ପ ଶୁଣିବି ନାହିଁ, କାରଣ ପ୍ରତିବାଦ କରୁ କରୁ ସେଇ ଚଢ଼େଇମାନେ ସଂସାର କଥା ଭୁଲି ଯାଉଥିଲେ । ସେଇ ଶାନ୍ତିଖୋଲା ପଡ଼ିଆରେ ଘରଚଟିଆର ଗୋଟାଏ ଗୀତ ଇତସ୍ତତଃ କଣ ଶେଷରେ ଜାଗି ଉଠିଥିଲା । ବହୁତ ସମୟ ଧରି ଉଡ଼ିବାରୁ କ୍ଲାନ୍ତ ହୋଇଥିବା ଆଉ ଗୋଟିଏ ଚଢ଼େଇ ସେ ଗୀତ ସଙ୍ଗେ ନିଜର ସ୍ୱର ମିଶାଇ ଦେଇଥିଲା । ଏହିପରି ସ୍ୱରରେ ସେ ଗୀତ ଗୋଟାଏ ଚଢ଼େଇ ଠାରୁ ଅପର ଚଢ଼େଇର କଣ୍ଠରେ ବିସ୍ତୃତ ହୋଇଥିଲା । ପ୍ରଥମେ ଏହା ମୃଦୁ ଥିଲା, ସତେ ଯେପରି ଏକ ଅଶୁଭ ଜନ୍ମଫଳକୁ ସେମାନେ ଧୀରେ ଧୀରେ ଭୁଲୁଥିଲେ । ତା'ପରେ ହଠାତ୍ ସେମାନଙ୍କର ସାହସ ବଢ଼ି ଗଲା ଓ ଅନେକ କଣ୍ଠରୁ ସାଧାରଣ ପକ୍ଷୀସ୍ୱର ପରି ଖୁସି ଭରା ଗୀତ ଜାଗି ଉଠିଲା । ସେମାନେ ଗାଉଥିଲେ, କାରଣ ଜୀବନ ଯେପରି ମିଠା, ଖରା ସେପରି ସୁନ୍ଦର । 'କାଲି'ର ଅମଙ୍ଗଳୁଆ ଗ୍ରୀଷ୍ମାନ୍ତରେ ତାଙ୍କର ସଙ୍ଗୀତ ବୁଲିଆଏ । ଏହା ନିସ୍ପଷ୍ଟ ସତ୍ୟ ଯେ, ତାମସୀକୁ ସେମାନେ ଭୁଲି ପାରଲେଣି, କାରଣ ସେମାନେ ମୃତ୍ୟୁର ନୁହେଁ, ଜୀବନର ଜୟଗାନ କରୁଥିଲେ ।

ପବନବନ୍ଧାଣୀ ସେ ଦଳ ଭିତରେ ମୁଁ ତ ନ ଥିଲି । ମାଟିରେ ବନ୍ଧା ମୋର ଅଙ୍ଗପ୍ରତ୍ୟଙ୍ଗର ଯଥେଷ୍ଟ ଚେଷ୍ଟା ଓ ବଳବତ୍ତା ଇଚ୍ଛାବଳରେହିଁ ମୁଁ ପାହାଡ଼ ଏପରି କି କଳ୍ପନାର ପାହାଡ଼ ଚଢ଼ି ପାରେ । ମୁଁ ଜାଣିଲି ଯେ ଅଲୌକିକ କିଛି ମୁଁ ଦେଖିଲି । ମୃତ୍ୟୁ ବକ୍ଷରେ ଜୀବନର ଗପ୍ପ ମଧ୍ୟ ଶୁଣିଲି । କିନ୍ତୁ ମୋର ତ ପୁଣି ମଣିଷର ମନ ! ସେ ମନ ସେଇ ଗପ୍ପକୁ ମାନିବ ନାହିଁ, ଦିନ ପରେ ଦିନ ସେ ଗପ୍ପ ବିପକ୍ଷରେ ନିଜର ବିଦ୍ରୋହ ଜଣାଇବ । ଅବଶେଷରେ ମୁଁ ସନ୍ଦେହ କରିବାକୁ ଆରମ୍ଭ କରିବି—ସେଇ ଅଲୌକିକ ଦର୍ଶନର ଯେଉଁ ଅର୍ଥ ବୁଝିଥିଲି ତାହା ଠିକ୍ ତ ! ଏହିପରି ସ୍ୱରରେ ସୂକ୍ଷ୍ମ ତର୍କ ଓ ଅଜ୍ଞାନ ମୋତେ ପୁଣି ଘେରି ଧରିବ ।

ଠିକ୍ ତାହାହିଁ ଘଟିଥିଲା ଯେ ପର୍ଯ୍ୟନ୍ତ ମୁଁ ଗୋଟାଏ ନିଶୁଣି ଉପରୁ ପୁଣି ଥରେ ଜୀବନକୁ ନଜର କରିନଥିଲି । ଏକ ଥଣ୍ଡା ହେମନ୍ତ ସନ୍ଧ୍ୟାରେ ଗଛରୁ

ତାହା ବାରହେବ ନାହିଁ । 'ପାଇନ୍' ଗଛ ଚେରସବୁ ପଥରର ଫାଟ ଜାଗାରେ ମାଡ଼ି ଯାଇଥିଲେ । ସେଗୁଡ଼ାକ ଆଙ୍ଗୁଳି ଦେଇ ପଥରକୁ ମୁଠେଇ ଧରିଲା ପରି ଦିଶୁଥାନ୍ତି । ସେଇ 'ପାଇନ୍' ଗଛତଳେ ପତଳା ଘାସ୍ପାଭିତରେ ମୁଁ ଶୋଇଥିଲି ପୂର୍ବି ଥରେ ମୋତେ ନିଦ ଆସିଥାଏ ।

ହେମନ୍ତ ଋତୁ ସେତେବେଳକୁ ପ୍ରାୟ ଆସି ଯାଉଥିବାରୁ, ପବନରେ ଥଣ୍ଡା ବହୁଥାଏ । ସେଠାରେଥିବା ସବୁ କଛ ତଳକୁ ଝଡ଼ିପଡ଼ୁଥିଲେ, ତଳେ ଥାଏ ଆହୁରି ଥଣ୍ଡା ସମୟର ଏକ ଧ୍ୱର । ନିଦ ଓ ଚେଇଁବା ମଧ୍ୟରେ ସାମାନ୍ୟ ସମୟ ଧରି ମୁଁ ସେଇ ଚେରଗୁଡ଼ାକୁ ନଜର କରୁଥିଲି । ସେଗୁଡ଼ାକ ମୋର ଚାରିପଟେ ମାଡ଼ି ଯାଇଥିଲେ ; ନିଦରେ ମୋର ହାତ ଟିକଏ ଅସଜାଡ଼ି ହୋଇ ଯାଇଥାଏ । ଧୀରେ ଧୀରେ ମୁଁ ସେଇ ହାତ ସେଇ ଚେରମୂଳର ଗୁଳ ଉପରେ ଚଳାଇ ଦେଲି । ଗୁଳଗୁଡ଼ାକ ମାଛ କାତିପରି ଦିଶୁଥାନ୍ତି ; ଏତେ ଧୀରେ ହାତ ଚଳାଇଲି ଯେ ଫୁଟେ ହାତ ବଢ଼ାଇବାରେ କେତେ ଶତାବ୍ଦୀ ଲାଗିଲା ପରି ମନେ ହେଉଥାଏ । ସେ ଚେରଯାକ ସମୟର ସେଇ ଗତିରେ ବଢ଼ିଥିଲେ ପରା ! ତାଙ୍କର ପରି ମୋର ମୁହଁକୁ ଖରା ଆଡ଼କୁ ଟେକି ଧରିଲି । ସୂର୍ଯ୍ୟ ସେତେବେଳେ ଅସ୍ତ ଯିବା ଉପରେ; 'ମନେ ହେଉଥାଏ ମୁଁ ସେଠାରେ ଥିବା 'ପାଇନ୍' ଗଛର ମୂଳ ପାଲଟିଯାଇଛି । ତାହାର ଚେର ମୋର ହାତ ଗଣ୍ଠିରେ ଭର୍ତ୍ତି ; ଟାଣୁଆ ପଥରକୁ ଜାକି ଧରି ଧରି ମୋର ଅଙ୍ଗୁଳିଗୁଡ଼ିକ ପରାସ୍ତ ହୋଇଯାଇ ଥାଏ । ଦୀର୍ଘକାଳ ଅସୀମ ଧୈର୍ଯ୍ୟରେ ଜୀବନ୍ତ ଅଙ୍ଗୁଳି ପରି ସେସବୁ ଚେର ପଥର ଭିତରେ ପଶିଥାନ୍ତି । ବହୁ କଷ୍ଟରେ, ଅତି ଧୀରେ, କାଳକ୍ରମେ ପଥର ଫଟାଇ ସେ ଗୁଡ଼ାକ ବଢ଼ିଥିଲେ । ଆପ୍ରାଣ ଚେଷ୍ଟାକରି ଖରାକୁ ମୁହଁ ଟେକି ଜିଇଁବାର ସାଧନା କରିଥିଲେ । 'ଏ କଥା ଭାବୁ ଭାବୁ ମୋର ନାଡ଼ୀର ଗତି ଏତେ ଧୀର ହୋଇ ଗଲାପରି ବୋଧ ହେଉଥାଏ ଯେ, ମୋର ମନେହେଲା ମୁଁ ଆହୁରି ଧୀର ସମୟର ସ୍ତରକୁ ପଶିଯାଇ କ୍ରମେ କ୍ରମେ ବୃଦ୍ଧି ଯାଉଥିଲି ବରଫର ଗର୍ଭରେ, ଚକ ଚକିଆ ବାଲି ଗରଡ଼ା ଭିତରେ, ତୁଷାର ଫୁଲର ପାଖୁଡ଼ାରେ ଅଥବା ଦୁଇ ଗ୍ରହ ଭିତରେ ଯା ଆସ କରୁଥିବା ଉଲ୍କା-ପିଣ୍ଡର ଲୁହାମିଶା ଉପାଦାନରେ ।

ତଳ ପଟେ ଓହ୍ଲାଇ ଧରିଲାବେଳେ ମୁଁ ଭାବୁଥାଏ—ଯୋଡ଼ାକଯାକ ଧରିବା ଏକା ମୋ ପକ୍ଷରେ ସେ ଅବସ୍ଥାରେ ସମ୍ଭବ ହୋଇଥାନ୍ତା କି ? ମୋର ମନୋଯୋଗ ନିଜ ଆଡ଼କୁ ଟାଣି ନେଇ ସେ ତା'ର ସାଥୀକୁ ବଞ୍ଚାଇ ଥିଲା – ଏହାହିଁ ଥିଲା ସେ ଘଟଣାର ସାର କଥା । ସେପରି ବ୍ୟବହାର ତା'ର ଜନ୍ମଗତ ଅଭ୍ୟାସ ଏବଂ ତେଣୁ ସେ ଏବେ ଶାନ୍ତ ଓ ନିରୀହ ହୋଇ ମୋ ହାତରେ ଝୁଲୁଥାଏ । କିନ୍ତୁ, ଆଲୁଅର ପଛପଟେ ଗ୍ରୀବା ଭିତରେ ମୋ ଆଡ଼କୁ ସେ ବେଖାତର ଓ ହିଂସ୍ର ଭାବରେ ଅନାଇ ଥାଏ । ଦୟାଦେବା ବା ନେବା ତା'ର ପ୍ରକୃତିର ବାହାର ଥିଲା । ତା'ଠାରେ ଯେଉଁ ଉଚ୍ଚ ସ୍ୱାଧୀନ ମନୋବୃତ୍ତି ଥାଏ ତାହା ମୋତେ ସାମାନ୍ୟ ବିବ୍ରତ କରୁଥିଲା ।

ତା' ଆଖିରୁ ମୋର ଦୃଷ୍ଟି ଘୁଞ୍ଚାଇ ନେଇ ମୁଁ ହାତମୁଠା ଭିତରେ ମୋର ସେଇ ଶିକାର ଧରି ନିଶ୍ଚିନ୍ତ ବାଟେ ତଳକୁ ଓହ୍ଲାଇ ଆସିଲି । ଗୋଟିଏ ଷ୍ଟୋଭ ବାକ୍ସରେ ମୁଁ ତାକୁ ବନ୍ଦ କଲି ଯେପରି କି ପଳାଇବାର ଚେଷ୍ଟା କରି ସେ ନିଜକୁ ଖଣ୍ଡିଆ କରି ନ ପାରିବ । ଆମର ଟ୍ରକ୍‌ଗୁଡ଼ାକ ସେତେବେଳକୁ ପହଞ୍ଚିଥାନ୍ତି ; ତେଣୁ ମୁଁ ସେ ଘରୁ ବାହାରି ଆସିଲି ସେଗୁଡ଼ାକୁ ଅଭ୍ୟର୍ଥନା କରିବାକୁ । ଦିନସାରା ଖରା ଖଟଣି ହୋଇଥାଏ ; ଅନ୍ଧାରେ ପୁଣି ତମ୍ବୁ ଲଗାଇବାକୁ ପଡ଼ିବ । ସକାଳୁ ତ ଚଢ଼େଇଟାର କାହାଣୀ ହୋଇଯିବ ଅନ୍ୟ ପ୍ରକାରର । ଟ୍ରକ୍‌ରେ ହାଜି ଗଦା ସହିତ ସେ ଯିବ ସହରକୁ ; ସେଠି ଗୋଟାଏ ଷ୍ଟୋଭ ପିଞ୍ଜରାରେ ରହି ସେ ସାରା ଜୀବନ କଟାଇବ । ତା' ପାଇଁ ଏହା ଠିକ୍ ହେବ । ମୋର ରକ୍ତ ଝରୁଥିବା ବୁଢ଼ା ଆଙ୍ଗୁଳି ଚିପି ମୁଁ ଥୋକେ ରକ୍ତର ଛେପ ପକାଇଲି । ଶିକାରୀକୁ କ୍ରମଶଃ ଏପରି ଘଟଣାରେ ଅଭ୍ୟସ୍ତ ହେବାକୁ ପଡ଼େ । ଆଘାତ ହେତୁ କାତର ହେବା ମୋ ମର୍ଯ୍ୟାଦାହାନି କରିଥାନ୍ତା !

ସେଇ ଉଚ୍ଚ ଭୂଇଁରେ ସକାଳ ହେଲାବେଳକୁ ହଠାତ୍ ବହୁତ କିଛି ବଦଳି ଯାଇଥାଏ । ଉପତ୍ୟକାକୁ ଘୋଡ଼ାଇଥିବା କୁହୁଡ଼ି ଉଭେଇ ଯାଇଥାଏ; ଆକାଶ ହୋଇଥାଏ ଘନ ନୀଳ । ମାଇଲ୍ ପରେ ମାଇଲ୍ ପଥର ମୁଣ୍ଡା ସବୁ ଡେଇଁ ମଣିଷର ଦୃଷ୍ଟି ଯାଇ ପାରୁଥାଏ । ମୁଁ ସକାଳୁ ନିଦରୁ ଉଠିଥାଏ ଓ ବାହାରେ ଗୋଟାଏ ପିଞ୍ଜରା ବନାଉଥାଏ ; ଯେଉଁ ବାକ୍ସରେ

ଆଜି ମୁଁ ବୁଢ଼ା ହୋଇଛି, ଆଖିରେ ନଜର ନାହିଁ । ଦେଖିବାର ଯେତେ ଜିନିଷ ଅଛି, ପ୍ରାୟ ସବୁ ଦେଖି ସାରିଛି । କିନ୍ତୁ, କୌଣସି ଜିନିଷରେ ଆଉ ମନ ବଳାଏ ନାହିଁ । ସକାଳର ଖବର କାଗଜରେ ଶିରୋନାମା ପଢ଼େ—'ଯନ୍ତ୍ରର ପରବର୍ତ୍ତୀ ଗୁଣ କଅଣ ହେବ ? ହୁଏତ ଯନ୍ତ୍ରର ପ୍ରଜନନଶକ୍ତି ।'

କାଗଜଟା ମୁଁ ଥୋଇ ଦିଏ ଏବଂ ମୋ ମନର ଏପଟୁ ସେପଟ ଯାଏ ନାଲିଶ କଲା ଭଳି କେତେଗୁଡ଼ାକ କଥା ଖେଳେ—'ମଣିଷର ଗଠନ ଉପାଦାନରେ ଓ ଆଚରଣରେ ହୁଏତ ଏପରି କିଛି ନାହିଁ, ଯାହା ବିଜ୍ଞାନ ପକ୍ଷରେ ସୃଷ୍ଟି କରିବା ବା ସମନ୍ୱିତ କରିବା ଅସମ୍ଭବ । କିନ୍ତୁ………"

ସକାଳୁ ସାରା ସହରର କଳ କାରଖାନା, ଯନ୍ତ୍ରମାନଙ୍କରେ ଚକ୍ ଚକ୍ ନଟ୍,ବୋଲ୍ଟ,ଚକ ପ୍ରଭୃତି ଚାଲିବା ଆରମ୍ଭ କଲେଣି । ଯାନ୍ତ୍ରିକ ହିସାବ କଳରେ ସଂଖ୍ୟାମାନ ଦଉଡ଼ୁଛନ୍ତି, ନାମର ବଜାନ ବାହାରି ଆସୁଛି । ହଜାରେ ଅଙ୍ଗୁଳି ଛାପ ଭିତରୁ ଗୋଟାଏ ଯନ୍ତ୍ର,ଖୋଜା ଯାଉଥିବା ଗୋଟିଏ ଦାଗୀର ଛାପ କାଢ଼ି ଆଣୁଛି । ତା'ର କୁଆଡ଼େ ଚିନ୍ତା କରିବାର କ୍ଷମତା ଅଛି ଗବେଷଣାଗାରରେ ଏକ ବିଦ୍ୟୁତ୍‌ଶକ୍ତି ଚାଳିତ ମୂଷା ଗୋଟାଏ ଗୋଲକ ଧନ୍ଦା ଭିତରେ ପଶି ଚଞ୍ଚଳ ବାହାରି ପଡ଼ି ଏପରି ଏକ ଛେନାମଣ୍ଡ ଆଡ଼କୁ ଦୌଡ଼ୁଛି ଯାହାର ଆସ୍ୱାଦ ବା ଉପଭୋଗ ତା' ପକ୍ଷରେ ସମ୍ଭବ ନୁହେଁ ।

'କିନ୍ତୁ, ଅପର ପକ୍ଷରେ………।' ଏଇ ଅପର ପକ୍ଷର ସୂତ୍ର ଧରି ମୋର ମନ ଗତି କରେ—ଅପର ପକ୍ଷରେ, ଯନ୍ତ୍ରରୁ ରକ୍ତ ବାହାରିବ ନାହିଁ, ସେ ବେଦନା ଅନୁଭବ କରିବ ନାହିଁ । ଘଣ୍ଟା ଘଣ୍ଟା ଧରି ଶୂନ୍ୟ ଆକାଶରେ ଉଡ଼ି ଉଡ଼ି ଆଉ ଗୋଟାଏ ଯନ୍ତ୍ରର ଭାଗ୍ୟରେ କଅଣ ଘଟିଲା ଭାବି ଆଶାନିରାଶାର ଯନ୍ତ୍ରଣା ସହିବ ନାହିଁ । ପକ୍ଷୀ ପରି ଦୁରନ୍ତ ଆବେଗରେ ଖୁସି ହୋଇ ପାତି କରିବ ନାହିଁ କି ପବନରେ ନାଚିବ ନାହିଁ । ବହୁଦୂରରୁ ମହାଶୂନ୍ୟର ବିସ୍ତାର-ଠାରୁ ଆହୁରି ବେଶି ଦୂରତ୍ୱ ଡେଇଁ ଆକାଶର ହୃଦୟ ଭିତରୁ ଦେଇ ଅସ୍ଫୁଟ ସ୍ୱର ମୋର ସୁପାଜରେ ଗୁଞ୍ଜନ ତୋଳି ପୁଣି ଦୂରକୁ,ଆହୁରି ଆଗକୁ ଚାଲିଯାଏ ।

———

# ପ୍ରାଣର ରହସ୍ୟ

ଏବେ ମୁଁ ପ୍ରୌଢ଼ ; କିନ୍ତୁ ତଥାପି ମୁଁ ହେମନ୍ତକାଳରେ ପୂର୍ଣ୍ଣ ଆଶାରେ ଆନନ୍ଦଭର ହୋଇ ତାହାର ସନ୍ଧାନ କରେ । ଦିନେ ଦିନେ ଯେତେବେଳେ ଗଛ ପତ୍ର ସବୁ ନାଲି ହୋଇ ଆସେ ଅବା ଝଡ଼ିପଡ଼େ, ଚଢ଼େଇମାନେ ଚାଲି ଯିବାର ଠିକ୍ ପରେ ପରେ, ପୁରୁଣା 'ଜ୍ୟାକେଟ୍' ଓ ଟୋପି ପିନ୍ଧି ମୁଁ ସେଇ ଅନୁସନ୍ଧାନରେ ବାହାରି ପଡ଼େ । ବୃଥାରେ ମୋର ସ୍ତ୍ରୀ ମନାକରନ୍ତି, କହନ୍ତି ମୋତେ ଥଣ୍ଡା ଧରିବ । ମୋର ରହିବା ଘରର ପିଣ୍ଡାରେ ସତର୍କସ୍ୱରରେ ଓହ୍ଲାଇ ପାଚିରି ଉପରେ ଚଢ଼େ, ଆଗ ପଛ ଡ଼ିଆଁ ମାରି ପରେ ନାହିଁ । ଆଉ ଟିକିଏ ଦୂରକୁ ଯାଇ ଏକ ପଡ଼ିଆରେ ପଶେ—ସେଥିରେ ଧୂଳି ରଙ୍ଗର ଗଛ ଓ ଖାଲି ମଞ୍ଜି ଖୋଳ ଭର୍ତ୍ତି । କେହି ସେ ପଡ଼ିଆର ଯତ୍ନ ନିଅନ୍ତି ନାହିଁ ।

ଜଙ୍ଗଲ ପାଖରେ ପହଞ୍ଚିଲା ବେଳକୁ ସବୁ ରକମର ବିହନ ହୁଏତ ମୋର କୋଟରେ ଲଖିଥାନ୍ତି, ମୋଜାରେ ଫୁଟିଥାନ୍ତି ଅଥବା ଖୁବ୍ ଚାଲାକି ଓ କୌଶଳରେ ମୋର ଜୋତାର ଫିତାରେ ଖୋସି ହୋଇଥାନ୍ତି । ମୁଁ ତାଙ୍କର ବାହନ ହୋଇଥାଏ ; ଏପରି କୌଶଳୀ ଯାତ୍ରୀଙ୍କ ବାହନ ହେବାକୁ କିଏ ବା ମନା କରିବ ? ମୋର ମନେହେଲା—ପ୍ରକୃତି ବା ତା'ର ଅଂଶବିଶେଷ ଏଇ ସବୁ ମଞ୍ଜିର ଆକାର ଧରି ରହୁଁଛି ଏହି ପଡ଼ିଆ ଡେଇଁ ମୋ ସଙ୍ଗେ ଭ୍ରମଣରେ ଯିବାକୁ ।

ସେଇ ବିହନଯାକ ଓ ମୁଁ ଏକସଙ୍ଗେ ଆଉ ଗୋଟାଏ ପାଚିରି ପାରି ହେଲୁ ଓ ବିଶ୍ରାମ କରିବା ସକାଶେ ଟିକିଏ ବସିଲୁ । ସେତେବେଳେ ମୁଁ ଭାବୁଥାଏ ପ୍ରାଣର ରହସ୍ୟ ଖୋଜିବାର ଶ୍ରେଷ୍ଠ ବାଟ କଅଣ ? ସେଇ ମଞ୍ଜିଯାକ କିନ୍ତୁ ଚୁପ୍‌ଚାପ ଥାନ୍ତି ଏବଂ ତହିଁରୁ କେତେକ ପଥରର ସୂକ୍ଷ୍ମ ଫାଟ ଭିତରେ ଖସି ପଡ଼ୁଥାନ୍ତି । ପାଖ ପଥର କଡ଼ରେ ଗୋଟାଏ ଶୁଆଁ ପୋକ ତରବର

